# NATIONAL NEWS BULLETIN (ODIA)

## 2 December - 2024

## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ସଂସଦର ଶୀତକାଳୀନ ଅଧିବେଶନକୁ ସୁରୁଖୁରୁରେ ସମ୍ପନ୍ନ କରିବା ଲାଗି ଉଭୟ ସରକାର ଏବଂ ବିରୋଧୀ ଦଳ ଗୁଡ଼ିକ ମଧ୍ୟରେ ପ୍ରକାଶ ପାଇଲା ସହମତି ।
- ଭାରତୀୟ ରାଜସ୍ୱ ସେବା ଅଧିକାରୀମାନେ ଏକୀକୃତ କର ବ୍ୟବସ୍ଥା ମାଧ୍ୟମରେ ଦେଶର ଅର୍ଥନୀତିକୁ ସଂଯୋଗ କରିଥାନ୍ତି, କହିଲେ ରାଷ୍ଟ୍ରପତି ।
- ଚନୂତନ ଅପରାଧିକ ଆଇନ୍ କାର୍ଯ୍ୟକାରିତାର ଅଗ୍ରଗତି ସମ୍ପର୍କରେ ଆସନ୍ତାକାଲି ଚଣ୍ଡିଗଡ଼ରେ ସମୀକ୍ଷା କରିବେ ପ୍ରଧାନମନ୍ତ୍ରୀ ।
- ବିଶ୍ୱର ବହୁବିଧ ସମସ୍ୟାର ସମାଧାନ ଲାଗି ବିଶ୍ୱସ୍ତରୀୟ ଭାଗିଦାରୀର ଆବଶ୍ୟକତା ଉପରେ ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ଗୁରୁତ୍ୱାରୋପ ।

ଏବଂ

- ପୁରୁଷ ହକି ଜୁନିୟର୍ ଏସିଆକପ୍ ୨୦୨୪ର ସେମିଫାଇନାଲ୍‌ରେ ଆସନ୍ତାକାଲି ଭାରତ ଭେଟିବ ମାଲେସିଆକୁ ।

# ପାର୍ଲାମେଣ୍ଟ-ଓମ୍ ବିର୍ଲା

ସଂସଦରେ ଚାଲିଥିବା ଶୀତକାଳୀନ ଅଧିବେଶନକୁ ସୁରୁଖୁରୁରେ ସମ୍ପନ୍ନ କରିବା ସହିତ ଏ ଦିଗରେ ଥିବା ସମସ୍ତ ବାଧା ଦୂର କରିବା ଲାଗି ଆଜି ଉଭୟ ସରକାର ଏବଂ ବିରୋଧୀ ଦଳ ଗୁଡ଼ିକ ମଧ୍ୟରେ ସହମତି ପ୍ରକାଶ ପାଇଛି ।

ଏଥିଲାଗି ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଅଧ୍ୟକ୍ଷତାରେ ସଂସଦ ଭବନ ପରିସରରେ ଆଜି ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସଂସଦ କାର୍ଯ୍ୟ କିଭଳି ସୁରୁଖୁରୁରେ ସମ୍ପନ୍ନ କରାଯାଇପାରିବ ସେଥିଲାଗି ବାଚସ୍ପତି ବିଭିନ୍ନ ଦଳର ନେତୃବୃନ୍ଦଙ୍କ ସହଯୋଗ ଲୋଡ଼ିଥିଲେ ଏବଂ ବିଭିନ୍ନ ଦଳର ନେତାମାନେ ମଧ୍ୟ ଏହି କାର୍ଯ୍ୟ ଲାଗି ସମର୍ଥନ ଦେବେ ବୋଲି ରାଜି ହୋଇଛନ୍ତି ।

ସଂସଦ ବାହାରେ ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ କୀରଣ ରିଜିଜୁ  କହିଛନ୍ତି, ଆସନ୍ତା ୧୩ ଓ ୧୪ ତାରିଖ ଦିନ ଲୋକସଭାରେ ଏବଂ ୧୬ ଓ ୧୭ ତାରିଖ ଦିନ ରାଜ୍ୟସଭାରେ ସମ୍ବିଧାନ ପ୍ରସଙ୍ଗରେ ଏକ ସ୍ୱତନ୍ତ୍ର ଆଲୋଚନା ଅନୁଷ୍ଠିତ ହେବ । ସଂସଦର ଉଭୟ ସଦନର କାର୍ଯ୍ୟ କିଭଳି ଶାନ୍ତିଶୃଙ୍ଖଳାର ସହ

ସମ୍ପନ୍ନ ହୋଇପାରିବ ସେଥିଲାଗି ସମସ୍ତ ଦଳର ନେତୃବୃନ୍ଦ ସହମତ ହୋଇଛନ୍ତି ବୋଲି ସେ କହିଛନ୍ତି ।

ଆଜିର ଏହି ବୈଠକରେ କଂଗ୍ରେସର ଗୌରବ ଗୋଗୋଇ, ତୃଣମୂଳ କଂଗ୍ରେସ କଲ୍ୟାଣ ବାନାର୍ଜୀ, ଟି.ଡି.ପି.ର ଲାଭୁ ଶ୍ରୀକ୍ରିଷ୍ଣ ଦେଭା ରାୟାଲୁ, ଡି.ଏମ୍.କେ.ର ଟି.ଆର୍. ବାଲୁ, ଏନ୍.ସି.ପି.ର ସୁପ୍ରିୟା ସୁଲେ, ସମାଜବାଦୀ ପାର୍ଟିରେ ଧର୍ମେନ୍ଦ୍ର ଯାଦବ, ଜେ.ଡି.ୟୁ.ର ଦିଲେଶ୍ୱର କାମାଇତ୍, ଆର୍.ଜେ.ଡି.ର ଅଭୟ କୁଶୱାହା, ଶିବସେନାର ଅରବୀନ୍ଦ ସାୱନ୍ତ ପ୍ରମୁଖ ଯୋଗଦେଇଥିଲେ ।

# ପ୍ରେଜ୍-ଆଇଆର୍ଏସ୍ ଅଫିସର୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ଭାରତୀୟ ରାଜସ୍ୱ ସେବା ଅଧିକାରୀମାନେ ଏକୀକୃତ କର ବ୍ୟବସ୍ଥା ମାଧ୍ୟମରେ ଦେଶର ଅର୍ଥନୀତିକୁ ସଂଯୋଗ କରିଥାନ୍ତି । ଆଜି ରାଷ୍ଟ୍ରପତି ଭବନ ଠାରେ ଭାରତୀୟ ରାଜସ୍ୱ ସେବା ଅଧିକାରୀମାନଙ୍କୁ ଉଦ୍‌ବୋଧନ ଦେବା ଅବସରରେ ସେ ଏହା କହିଛନ୍ତି । ଶ୍ରୀମତୀ ମୁର୍ମୁ କହିଛନ୍ତି, ଦେଶର ଅର୍ଥନୀତି ସୀମାର ରକ୍ଷକ ଭାବେ ଭାରତୀୟ ରାଜସ୍ୱ ସେବା ଅଧିକାରୀମାନେ କାର୍ଯ୍ୟ କରିଥାନ୍ତି । ଏହାଦ୍ୱାରା ଦେଶର ସାମାଜିକ ଅର୍ଥନୈତିକ କ୍ଷେତ୍ରରେ ଅନେକ ସକାରାତ୍ମକ ପ୍ରଭାବ ପଡ଼ିଥାଏ । ରାଷ୍ଟ୍ରପତି କହିଛନ୍ତି, ଏହି ସେବା ଦେଶରେ କର

ପ୍ରଶାସନ କ୍ଷେତ୍ରରେ ଏକୀକୃତ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିଥାଏ । ସେହିଭଳି କେନ୍ଦ୍ର ସରକାର, ବ୍ୟବସାୟ ଏବଂ ବିଭିନ୍ନ ରାଜ୍ୟର କର ପ୍ରଶାସନ ମଧ୍ୟରେ ଭାରତୀୟ ରାଜସ୍ୱ ସେବା ଅଧିକାରୀମାନେ ଏକ ଗୁରୁତ୍ୱପୂର୍ଣ୍ଣ ସଂଯୋଗ କରିଥାନ୍ତି ବୋଲି ଶ୍ରୀମତୀ ମୁର୍ମୁ କହିଛନ୍ତି ।

## ପ୍ରେଜ୍ ଆୱାର୍ଡସ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ଅବସରରେ ଭିନ୍ନକ୍ଷମ ସଶକ୍ତିକରଣ ଜାତୀୟ ପୁରସ୍କାର ପ୍ରଦାନ କରିବେ । ଏ ସମ୍ପର୍କରେ ସୂଚନା ଦେଇ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରୀ ଡକ୍ଟର ଦେବେନ୍ଦ୍ର କୁମାର କହିଛନ୍ତି ମୋଟ୍ ୨୨ଜଣ ବ୍ୟକ୍ତି ଏବଂ ୧୧ଟି ଅନୁଷ୍ଠାନକୁ ଏହି ପୁରସ୍କାର ପାଇଁ ମନୋନୀତ କରାଯାଇଛି । ସର୍ବଶ୍ରେଷ୍ଠ ଦିବ୍ୟାଙ୍ଗଜନ ୨୦୨୪ ବର୍ଗରେ ବ୍ୟକ୍ତିଗତ ଉଲ୍ଲେଖନୀୟ ସଫଳତା ପାଇଁ ଅମର ଜୈନଙ୍କୁ ପୁରସ୍କୃତ କରାଯିବ । ଏହି ଅବସରରେ ରାଷ୍ଟ୍ରପତି ବିଭିନ୍ନ କଲ୍ୟାଣକାରୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ ବୋଲି ମନ୍ତ୍ରୀ ଡକ୍ଟର କୁମାର ସୂଚନା ଦେଇଛନ୍ତି ।

## ପିଏମ୍ ଭିଜିଟ୍ ଚଣ୍ଡିଗଡ଼

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଚଣ୍ଡିଗଡ଼ ଗସ୍ତ କରିବେ । ଗତ ଜୁଲାଇ ମାସରେ କେନ୍ଦ୍ର ସରକାର ଭାରତର ଅପରାଧିକ ନ୍ୟାୟିକ ବ୍ୟବସ୍ଥାକୁ ସୁସଂଘତ କରିବା ଉଦ୍ଦେଶ୍ୟରେ ଦେଶବ୍ୟାପି କାର୍ଯ୍ୟକାରୀ କରିଥିବା ତିନୋଟି ନୂତନ ଅପରାଧିକ ଆଇନ୍ କାର୍ଯ୍ୟକାରିତାର ଅଗ୍ରଗତି ସମ୍ପର୍କରେ ଶ୍ରୀ ମୋଦୀ ଏହି ଅବସରରେ ସମୀକ୍ଷା କରିବେ । ଏହି ଅବସରରେ ନୂତନ ଅପରାଧିକ ନିୟମ ଗୁଡ଼ିକର କାର୍ଯ୍ୟକାରିତା ଦିଗରେ ପୁଲିସ୍ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଯିବ । ଏହି ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ଆର୍‌ଏସ୍‌-ଇଥାନଲ୍

ପେଟ୍ରୋଲ୍‌ରେ ଇଥାନଲ୍ ବ୍ଲେଣ୍ଡିଙ୍ଗ୍ କରାଯିବା ଦ୍ୱାରା ଗତବର୍ଷ ନଭେମ୍ବରରୁ ଚଳିତ ବର୍ଷ ଅକ୍ଟୋବର ମଧ୍ୟରେ ଦେଶରେ ୨୮ ହଜାର ୪୦୦ କୋଟିରୁ ଊର୍ଦ୍ଧ୍ୱ ବୈଦେଶିକ ବିନିମୟ ମୁଦ୍ରା ସଞ୍ଚୟ ହୋଇପାରିଛି । ତେବେ ସରକାର ଡିଜେଲ୍‌ରେ ଇଥାନଲ୍ ବ୍ଲେଣ୍ଡିଙ୍ଗ୍ କରିବା ଲାଗି କୌଣସି ଯୋଜନା ଏ ପର୍ଯ୍ୟନ୍ତ ଆରମ୍ଭ କରିନାହାନ୍ତି ବୋଲି ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ରାଷ୍ଟ୍ରମନ୍ତ୍ରୀ ସୁରେଶ ଗୋପୀ କହିଛନ୍ତି । ଆଜି

ରାଜ୍ୟସଭାରେ ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଶ୍ରୀ ଗୋପୀ ଏହି ସୂଚନା ଦେଇଛନ୍ତି ।

## ଜୟଶଙ୍କର

ବିଶ୍ୱ ସମ୍ମୁଖୀନ ହେଉଥିବା ବହୁବିଧ ସମସ୍ୟାର ସମାଧାନ ଲାଗି ବିଶ୍ୱସ୍ତରୀୟ ଭାଗିଦାରୀର ଆବଶ୍ୟକତା ଉପରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଗୁରୁତ୍ୱାରୋପ କରିଛନ୍ତି । ଆଜି ନୂଆଦିଲ୍ଲୀ ଠାରେ ଭାରତୀୟ ଶିଳ୍ପ ମହାସଂଘ ଭାଗିଦାରୀ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଡକ୍ଟର ଜୟଶଙ୍କର କହିଛନ୍ତି, ବିଶ୍ୱ ଅର୍ଥ ବ୍ୟବସ୍ଥାର ରୂପାନ୍ତରିକରଣ ପ୍ରକ୍ରିୟା ବର୍ତ୍ତମାନ ଚାଲୁ ରହିଛି । ତେବେ ଏଭଳି ଆହ୍ୱାନକୁ ମୁକାବିଲା କରିବା ଦିଗରେ ସାମୂହିକ ପ୍ରଚେଷ୍ଟା ଜରୁରୀ ବୋଲି ସେ କହିଛନ୍ତି । ସେହିଭଳି ୟୁକ୍ରେନ୍ ଦ୍ୱନ୍ଦ୍ୱ, ଯୁକ୍ତିରାଷ୍ଟ୍ର ଆମେରିକା ଚୀନ୍ ମତଭେଦ, ମୁଦ୍ରାସ୍ଫିତି, ଋଣଭାର ଏବଂ ଗ୍ଲୋବାଲ୍ ସାଉଥ୍‌ରେ ଦେଖାଦେଇଥିବା ଅର୍ଥ ସମସ୍ୟା ସମ୍ପର୍କରେ ନିଜର ପ୍ରତିକ୍ରିୟାରେ ଡକ୍ଟର ଜୟଶଙ୍କର ଏ ଦିଗରେ ଭାଗିଦାରୀର ଅଧିକ ଆବଶ୍ୟକତା ରହିଛି ବୋଲି ମତ ଦେଇଛନ୍ତି । ଅର୍ଥନୈତିକ, ରାଜନୈତିକ ଏବଂ ସାଂସ୍କୃତିକ କ୍ଷେତ୍ରରେ ଭାରତ କ୍ରମଶଃ ସଶକ୍ତ ହେଉଥିବା ଦୃଷ୍ଟିରୁ ଆଗାମୀ ଦିନରେ ଏକ ବିଶ୍ୱସ୍ତ ଭାଗିଦାରୀ ଭାବେ ଭାରତ ନିଜର ଉତ୍ପାଦନ କ୍ଷମତାକୁ ବୃଦ୍ଧି କରିବା ଉପରେ ଗୁରୁତ୍ୱ ଦେଉଛି ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି । ସେହିଭଳି

ଭାରତ ଯୋଗାଣ ଶୃଙ୍ଖଳ, ଅଭିନବତା ଏବଂ ବୈଷୟିକ ଜ୍ଞାନକୌଶଳ କ୍ଷେତ୍ରରେ ଏକ ବିଶ୍ୱସ୍ତରୀୟ ଶକ୍ତି ଭାବେ ନିଜକୁ ପ୍ରତିପାଦିତ କରିବା ଲାଗି ଆବଶ୍ୟକ ପଦକ୍ଷେପ ନେଉଛି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରୀ କହିଛନ୍ତି ।

## ବିଜେପି-ମହାରାଷ୍ଟ୍ର

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏବଂ ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୁପାନୀଙ୍କୁ ବିଜେପି ପକ୍ଷରୁ ମହାରାଷ୍ଟ୍ରରେ ବିଧାୟକ ଦଳ ବୈଠକରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି । ଏହି ପର୍ଯ୍ୟବେକ୍ଷକମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ହେବାକୁ ଥିବା ଦଳୀୟ ସଂସଦୀୟ ବୈଠକରେ ନେତା ନିର୍ବାଚିତ କରାଯିବ । ଏହାପରେ ନେତା ନିର୍ବାଚନ ସମ୍ପର୍କିତ ପ୍ରସ୍ତାବକୁ  ବିଜେପି ସଂସଦୀୟ ବୋର୍ଡ ଅନୁମୋଦନ କରିବ । ମହାରାଷ୍ଟ୍ରର ନୂତନ ସରକାରଙ୍କ ଶପଥଗ୍ରହଣ ଉତ୍ସବ ଆସନ୍ତା ଗୁରୁବାର ଦିନ ଅନୁଷ୍ଠିତ ହେବ ।

ସମ୍ପ୍ରତି ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ମହାଯୁତି ମେଣ୍ଟ ଏକ ଐତିହାସିକ ବିଜୟ ହାସଲ କରିଛି । ଏଥିରେ ବିଜେପି ୨୮୮ ସଦସ୍ୟ ବିଶିଷ୍ଟ ବିଧାନସଭାରେ ଏକାକୀ ୧୩୨ଟି ଆସନରେ ବିଜୟ ହାସଲ କରିଥିବା ବେଳେ ଏହାର ସହଯୋଗୀ ଦଳ

ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା ୫୭ଟି ଏବଂ ଅଜିତ ପାୱାରଙ୍କ ନେତୃତ୍ୱାଧୀନ ଏନ୍.ସି.ପି.କୁ ୪୧ଟି ଆସନ ମିଳିଛି ।

## ଆୟୁଷ

ଗତ ୧୦ ବର୍ଷ ମଧ୍ୟରେ ଆୟୁଷ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ହୋଇଛି ବୋଲି ଶକ୍ତି ଏବଂ ନୂତନ ଓ ଅକ୍ଷୟଶକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ୟଶୋ ନାୟକ କହିଛନ୍ତି । ଆୟୁଷ କ୍ଷେତ୍ରର  ସାମଗ୍ରୀକ ବିକାଶ ଲାଗି ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପର ସଫଳତା ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ସେ ଏହା କହିଛନ୍ତି । ସେ କହିଛନ୍ତି, ଗତବର୍ଷ ଆୟୁଷ କ୍ଷେତ୍ରର ବ୍ୟବସାୟିକ କାରବାର ୪୩ ବିଲିୟନ୍ ଡଲାର୍ ଅତିକ୍ରମ କରିଛି । ଏହାଛଡ଼ା ୨୦୧୪ ମସିହାରେ ଆୟୁଷ ଉତ୍ପାଦ ରପ୍ତାନୀ କାରବାର ୧ ଦଶମିକ୍ ୦/୯ ବିଲିୟନ୍ ଡଲାର୍ ହୋଇଥିବା ବେଳେ ଗତବର୍ଷେ ଏହା ୨ ଦଶମିକ୍ ୧/୬ ବିଲିୟନ୍ ଡଲାର୍ ଛୁଇଁଛି ବୋଲି ଶ୍ରୀ ନାୟକ କହିଛନ୍ତି । ସେ କହିଛନ୍ତି ଏହି କ୍ଷେତ୍ରର ବିକାଶ ଲାଗି ସରକାର ପ୍ରତିଶ୍ରୁତିବଦ୍ଧ । ବର୍ତ୍ତମାନ ବିଶ୍ୱର ଅଧିକାଂଶ ଦେଶରେ ଆନ୍ତର୍ଜାତିକ ଯୋଗଦିବସ ପାଳନ କରାଯାଉଛି, ଯାହାକି ଭାରତର ଏ ଦିଗରେ କରାଯାଇଥିବା ପ୍ରୟାସର ସଫଳ ପ୍ରତିଫଳନ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

# ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍** ଆଜି ରାତି ସାଢ଼େ ୯ଟାରେ ପ୍ରସାରିତ ହେବ । ଆଜିର ବିଷୟବସ୍ତୁ ରହିଛି **ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ସମସ୍ୟାର ସମଧାନ** । ଅଖିଳ ଭାରତୀୟ ଭେଷଜ ପ୍ରତିଷ୍ଠାନ-ଏମ୍ସର ମାନସିକ ବିଭାଗ ପ୍ରଫେସର ଡକ୍ଟର ରାଜେଶ ସାଗର ଏବଂ ଜାତୀୟ ମାନସିକ ସ୍ୱାସ୍ଥ୍ୟ ଏବଂ ସ୍ନାୟୁ ବିଜ୍ଞାନ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡାକ୍ତର ପ୍ରତୀମା ମୂର୍ତ୍ତି ଏହି ଆଲୋଚନାରେ ଅଂଶ ଗ୍ରହଣ କରି ଶ୍ରୋତାଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବେ । ଏଥିପାଇଁ ଶ୍ରୋତାମାନେ ରାତି ସାଢ଼େ ୯ଟା ଠାରୁ 011-23421050 ଓ 011-23314444 ନମ୍ବରକୁ ଡାଏଲ୍ କରି ନିଜ ପ୍ରଶ୍ନ ପଚାରିପାରିବେ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍ଟ୍ୟାଗ୍ ask air ମାଧ୍ୟମରେ ମଧ୍ୟ ନିଜ ପ୍ରଶ୍ନ ପଚାରି ପାରିବେ ।

# ହକି-ଜୁନିୟର ଏସିଆ କପ୍

ପୁରୁଷ ହକି ଜୁନିୟର୍ ଏସିଆକପ୍ ୨୦୨୪ର ସେମିଫାଇନାଲ୍‌ରେ ଆସନ୍ତାକାଲି ପୂର୍ବଥରର ଚାମ୍ପିୟନ୍ ଭାରତ ମାଲେସିଆକୁ ଭେଟିବ । ଏହି ମ୍ୟାଚ୍ ମସ୍କାଟ୍ ଓମାନ୍ ହକି ଷ୍ଟାଡିୟମ୍ ଠାରେ ଭାରତୀୟ ସମୟ ରାତି ସାଢ଼େ ୮ଟାରେ ଆରମ୍ଭ ହେବ ।

ଓମାନର ମସ୍କଟଠାରେ ଚାଲିଥିବା ଏହି ପ୍ରତିଯୋଗିତାର ଗ୍ରୁପ୍-ଏ ପର୍ଯ୍ୟାୟ ମ୍ୟାଚ୍‌ରେ ଗତକାଲି ଭାରତ' ଦକ୍ଷିଣ କୋରିଆକୁ ୮-୧ ଗୋଲ୍‌ରେ ପରାସ୍ତ କରିଛି । ଭାରତ ପକ୍ଷରୁ ଅର୍ସଦୀପ ସିଂହ ହ୍ୟାଟ୍ରିକ ଗୋଲ୍ ଦେଇଥିବା ବେଳେ ଅରଜିତ ସିଂହ ହୁନ୍ଦାଲ ୨ଟି, ଗୁରଜତ ସିଂହ, ରୋସନ କୁଜୁର ଏବଂ ରୋହିତ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ । ସେହିଭଳି ଦକ୍ଷିଣ କୋରିଆ ପକ୍ଷରୁ ଟି. କିମ୍ ଏକମାତ୍ର ଗୋଲ୍‌ସ୍କୋର କରିଥିଲେ ।

ଅନ୍ୟ ପକ୍ଷରେ ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ସେମିଫାଇନାଲ୍‌ରେ ପାକିସ୍ତାନ ଓ ଜାପାନ୍ ମଧ୍ୟରେ ମୁକାବିଲା ହେବ । ଆସନ୍ତା ବୁଧବାର ଦିନ ଏହି ପ୍ରତିଯୋଗିତାର ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ ।

## ସାଇକ୍ଲୋନ୍

ବାତ୍ୟା 'ଫେଞ୍ଜାଲ' ପ୍ରଭାବରେ ବର୍ଷା ଯୋଗୁଁ ପୁଡୁଚେରୀରେ ୪ ଜଣ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି । ଏହାଛଡ଼ା ଅନ୍ୟ ଦୁଇ ଜଣ ନିଖୋଜ ହୋଇଛନ୍ତି ବୋଲି ସରକାରୀ ଭାବେ କୁହାଯାଇଛି । ମୁଖ୍ୟମନ୍ତ୍ରୀ ଏନ୍. ରଙ୍ଗସ୍ୱାମୀ ଏଥିରେ ଦୁଃଖ ପ୍ରକାଶ କରିବା ସହିତ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ସହାୟତା ରାଶି ଘୋଷଣା

କରିଛନ୍ତି । ଏତଦ୍‌ବ୍ୟତୀତ ପ୍ରଭାବିତ ଅଞ୍ଚଳର ପ୍ରତ୍ୟେକ ରେସନ କାର୍ଡଧାରୀଙ୍କ ଲାଗି ୫ ହଜାର ଟଙ୍କା ଲେଖାଏଁ ନଗଦ ରାଶି ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ।